# NATIONAL NEWS BULLETIN (ODIA)

**24 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଜନୀତିକ ପୃଷ୍ଠଭୂମି ନଥିବା ଯୁବକଙ୍କୁ ରାଜନୀତିରେ ଯୋଗଦେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

– ଆକାଶବାଣୀର ମନ୍ କି ବାତ୍‌ର ୧୧୬ତମ ସଂସ୍କରଣରେ ଦେଶବାସୀଙ୍କୁ କଲେ ସମ୍ବୋଧନ ।

- ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ।
- ଝାଡ଼ଖଣ୍ଡରେ ନୂତନ ସରକାର ଗଠନ ନେଇ ଆରମ୍ଭ ହେଲା ପ୍ରକ୍ରିୟା, ଆଜି ରାଞ୍ଚିଠାରେ ବସୁଛି ଇଣ୍ଡି ମେଣ୍ଟର ବୈଠକ
- ନାନ୍ଦେଡ ଲୋକସଭା ଉପନିର୍ବାଚନରେ କଂଗ୍ରେସର ରବିନ୍ଦ୍ର ଚଭନ ବିଜୟୀ

ଏବଂ

- ପର୍ଥ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ।

---

## ମନ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜନୀତିକ ପୃଷ୍ଠଭୂମି ନଥିବା ପରିବାରର ଯୁବକଙ୍କୁ ରାଜନୀତିରେ ଯୋଗଦେବାକୁ ଆହ୍ୱାନ ଦେଇଛନ୍ତି ।

ଆକାଶବାଣୀର ମନ କି ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀମୋଦୀ ଏହା କହିଛନ୍ତି । ସେ କହିଛନ୍ତି ଏଭଳି ୧ଲକ୍ଷ ଯୁବକଙ୍କୁ ରାଜନୀତି ସହ ଯୋଡ଼ିବା ପାଇଁ ଆଗାମୀ କିଛିମାସ ମଧ୍ୟରେ ଦେଶରେ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯିବ । ଆସନ୍ତାବର୍ଷ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ପାଳନ ଅବସରରେ ଦିଲ୍ଲୀରେ **ବିକଶିତ ଭାରତ ଯୁବନେତା ବାର୍ତ୍ତାଳାପ** ଶୀର୍ଷକ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ସ୍ୱାମୀଜୀଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତ୍ୟେକବର୍ଷ ଜାନୁୟାରୀ ୧୨ ତାରିଖକୁ ଦେଶରେ ଯୁବଦିବସ ଭାବେ ପାଳନ କରାଯାଇଥାଏ । ତୃଣମୂଳସ୍ତରରୁ ଚୟନ ହୋଇଥିବା ୨ ହଜାର ଯୁବକ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏହି ଅବସରରେ ଏକାଠି ହେବେ ବୋଲି ଶ୍ରୀ ମୋଦୀ କହିଛନ୍ତି । ଅନ୍‌ଲାଇନ୍ ଠକେଇରୁ ସତର୍କ ରହିବା ପାଇଁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ସଂପର୍କରେ ଉଲ୍ଲେଖ କରି ସେ କହିଛନ୍ତି, ଏହା ଅଧିକ ସରଳ ହୋଇପାରିଛି ।

ଏପର୍ଯ୍ୟନ୍ତ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ହାସଲ କରିଥିବା ଲୋକଙ୍କ ସଂଖ୍ୟା ୮୦ ଲକ୍ଷ ଅତିକ୍ରମ କରିଛି ବୋଲି ସେ ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୮୦ ବର୍ଷ ବୟସ୍କ ୨ ଲକ୍ଷରୁ ଅଧିକ ଲୋକ ଥିବା ଜଣାପଡ଼ିଛି । ବୟସ୍କ ଲୋକଙ୍କୁ ଅନଲାଇନ ଠକେଇରୁ ଦୂରେଇ ରଖିବା ଲାଗି ଯୁବବର୍ଗ ଆଗେଇ ଆସିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଏନ୍‌ସିସି ଦିବସ ଆଜି ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏଥିରେ ବାଳିକା କ୍ୟାଡେଟ୍‌ଙ୍କ ସଂଖ୍ୟା ୪୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏନ୍‌ସିସିକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି । ଏବେ ୨୦ଲକ୍ଷରୁ ଅଧିକ ଯୁବବର୍ଗ ଏନ୍‌ସିସି ସହ ଜଡ଼ିତ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନିକଟରେ ୩ ଆଫ୍ରିକୀୟ ରାଷ୍ଟ୍ର ଗସ୍ତ ସଂପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଦେଶରେ ଭାରତୀୟ ସଂସ୍କୃତିର ସୁରକ୍ଷା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ ପ୍ରବାସୀ ଭାରତୀୟ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଗୋଆନରେ ଛୋଟ ଭାରତ ରହୁଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଉପନିଷଦକୁ ପ୍ରଥମଥର ପାଇଁ ସ୍ଲୋଭାକ୍ ଭାଷାରେ ଅନୁବାଦ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତୀୟ ସଂସ୍କୃତିର ବିଶ୍ୱସ୍ତରୀୟ ପ୍ରଭାବକୁ ଏହା ସୂଚାଇଥାଏ ।

ଦେଶର ପ୍ରାଚୀନ ସାମୁଦ୍ରିକ ସାମର୍ଥ୍ୟ ସମ୍ବନ୍ଧୀୟ ପ୍ରମାଣକୁ ସୁରକ୍ଷିତ କରି ରଖିବାପାଇଁ ଏକ ଅଭିଯାନ ଚାଲିଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିପାଇଁ ଲୋଥାଲ୍ ଠାରେ ଏକ ବଡ଼ ସଂଗ୍ରହାଳୟ ମଧ୍ୟ ନିର୍ମାଣ କରାଯାଇଛି ।

ଚିଙ୍ଗୁଡ଼ି’ ଜୈବ ବିବିଧତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସହରୀକରଣ ବୃଦ୍ଧି ଯୋଗୁଁ ଚିଙ୍ଗୁଡ଼ି ପରିମାଣ ହ୍ରାସ ପାଉଥିବା ନେଇ ପ୍ରଧାନମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପ୍ରାଣୀ ସମ୍ପଦର ସୁରକ୍ଷା ନେଇ ଦେଶର ବିଭିନ୍ନ ପ୍ରାନ୍ତରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନ ଅଧୀନରେ ମାତ୍ର ୫ ମାସ ମଧ୍ୟରେ ଶହେ କୋଟି ଚାରା

ରୋପଣ ଉଲ୍ଲେଖନୀୟ କାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିରେ ଅଂଶ ଗ୍ରହଣ କରିଥିବାରୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଫଳପ୍ରଦ ପରିବର୍ତ୍ତନ ଆଣିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଦେଶରେ ବର୍ଜ୍ୟବସ୍ତୁରୁ ଆୟ ପରିକଳ୍ପନା ବହୁ ପୁରାତନ । ଏକ ସ୍ଥାୟୀ ଜୀବନଶୈଳୀକୁ ଏହ ପ୍ରୋତ୍ସାହନ ପ୍ରଦାନ କରିଥାଏ । ଏ ଦିଗରେ କାର୍ଯ୍ୟ କରୁଥିବା ସଂଗଠନ ଏବଂ ଯୁବବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି ।

## ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ଚାଲିବ । ଆସନ୍ତା ୨୬ ତାରିଖ ସମ୍ବିଧାନ ଦିବସ ପାଳନ ଅବସରରେ ସଂସଦର ଅଧିବେଶନ ବସିବ ନାହିଁ । ଅଧିବେଶନର ଅବ୍ୟବହିତ ପୂର୍ବରୁ ଆଜି ନୂଆଦିଲ୍ଲୀଠାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉଭୟ ସଦନକୁ ସୁରୁଖୁରୁରେ ପରିଚାଳନା ନେଇ ସବୁ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସହ ଆଲୋଚନା ଚାଲିଛି । ଏହି ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ମନ୍ତ୍ରୀ ଅନୁପ୍ରିୟା ପଟେଲ, ବିଜେଡ଼ି ସାଂସଦ ସସ୍ମିତ ପାତ୍ର, ଏମ୍‌ଡିଏମ୍‌କେ ସାଂସଦ ଭାଇକୋ, କଂଗ୍ରେସର ପ୍ରମୋଦ ତିୱାରୀ, ଜୟରାମ ରମେଶଙ୍କ ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧି ଅଂଶ ଗ୍ରହଣ କରିଛନ୍ତି ।

## ଝାଡ଼ଖଣ୍ଡ- ମିଟିଂ

ଝାଡ଼ଖଣ୍ଡରେ ନୂତନ ସରକାର ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଞ୍ଚିସ୍ଥିତ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସରକାରୀ ବାସଭବନରେ ଆଜି ଅପରାହ୍ନରେ ଇଣ୍ଡିମେଣ୍ଟ ରାଜନୈତିକ ଦଳଗୁଡ଼ିକର ବୈଠକ ଅନୁଷ୍ଠିତ ହେବ । ଏଥିରେ ମେଣ୍ଟର ନବନିର୍ବାଚିତ ବିଧାୟକମାନେ ଅଂଶ ଗ୍ରହଣ କରିବେ । ଏହି ବୈଠକରେ ଜେଏମ୍‌ଏମ୍, କଂଗ୍ରେସ, ଆରଜେଡି, ସିପିଆଇଏମ୍‌ଏଲ୍ ର ନବ ନିର୍ବାଚିତ ବିଧାୟକମାନେ ଯୋଗଦେବେ । ବୈଠକରେ ବିଧାୟକ ଦଳର ନେତା ଭାବେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ନିର୍ବାଚିତ ହେବାର ସମ୍ଭାବନା ଅଧିକ ରହିଛି । ପରେ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କୁ ଅପରାହ୍ନ ୪ଟାରେ ଭେଟି ଶ୍ରୀ ସୋରେନ ନୂତନ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିବାର ସମ୍ଭାବନା ରହିଛି ।

ସୂଚନାଯୋଗ୍ୟ ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଇଣ୍ଡିମେଣ୍ଟ ୫୬ଟି ଆସନରେ ବିଜୟୀ ହୋଇଛି । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଏନଡିଏ ମେଣ୍ଟ ୨୪ଟି ଆସନ ପାଇଥିବା ବେଳେ ଝାଡ଼ଖଣ୍ଡ ଲୋକତାନ୍ତ୍ରିକ କ୍ରାନ୍ତିକାରୀ ମୋର୍ଚ୍ଚା ଗୋଟିଏ ଆସନ ଅକ୍ତିଆର କରିଛି ।

---

## ମହା-ଇଲେକ୍ସନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପିର ବିଜୟ' ସୁଶାସନ ଓ ବିକାଶର ବିଜୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି, ଏହି ନିର୍ବାଚନ ଫଳାଫଳ ନକାରାତ୍ମକ ରାଜନୀତିର ପରାଜୟ । ଅନେକ ରାଜ୍ୟରେ ହୋଇଥିବା ଉପନିର୍ବାଚନରେ ଲୋକମାନେ

ବିଜେପି ଉପରେ ଆସ୍ଥା ପ୍ରକଟ କରିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ସୂଚିତ କରୁଛି ଯେ ଲୋକମାନେ କେବଳ ବିକାଶ ହିଁ ଚାହୁଁଛନ୍ତି । ଦଳ ଉପରେ ଭରସା କରିଥିବାରୁ ସେ ମହିଳା, କୃଷକ ଓ ଯୁବବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନାନ୍ଦେଡ଼ ଉପନିର୍ବାଚନ

ନାନ୍ଦେଡ଼ ଲୋକସଭା ଉପନିର୍ବାଚନରେ କଂଗ୍ରେସର ରବୀନ୍ଦ୍ର ଚଭନ ବିଜୟୀ ହୋଇଛନ୍ତି । ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସନ୍ତୁକ ରାଓ ହମ୍ବରଦେଙ୍କୁ ୧ ହଜାର ୪୫୭ଟି ଭୋଟ୍‌ରେ ସେ ପରାସ୍ତ କରିଛନ୍ତି । ଶ୍ରୀ ରବିନ୍ଦ୍ର ୫ଲକ୍ଷ ୮୬ ହଜାର ୭୮୮ଟି ଭୋଟ୍ ପାଇଥିବାବେଳେ ଶ୍ରୀ ହମ୍ବରଦେ ୫ ଲକ୍ଷ ୮୫ ହଜାର ୩୩୧ଟି ଭୋଟ୍ ପାଇଛନ୍ତି । କଂଗ୍ରେସ ସାଂସଦ ବସନ୍ତ ଚଭନଙ୍କର ପରଲୋକ ଯୋଗୁଁ ଏହି ଆସନ ପାଇଁ ଉପନିର୍ବାଚନ ହୋଇଥିଲା ।

# ଗୁରୁ ତେଗ୍ ବାହାଦୂର

ଶିଖମାନଙ୍କର ନବମ ଗୁରୁ' ଗୁରୁ ତେଗ ବାହାଦୁରଙ୍କ ସହିଦ ଦିବସ ଆଜି ପାଳିତ ହେଉଛି । ୧୬୭୫ ମସିହାରେ ଗୁରୁ ତେଗ ବାହାଦୁର ଧର୍ମ, ମାନବିକ ମୂଲ୍ୟବୋଧ, ଆଦର୍ଶ ଓ ନୀତିର ସୁରକ୍ଷା ପାଇଁ ବଳିଦାନ ଦେଇଥିଲେ। ଗୁରୁ ତେଗ ବାହାଦୁରଙ୍କ ବଳିଦାନକୁ ପ୍ରତିବର୍ଷ ସହିଦ ଦିବସ ଭାବେ ସ୍ମରଣ କରାଯାଏ ।

# ବର୍ଡର ଗାଭାସ୍କର ଟ୍ରଫି

ପର୍ଥ ଟେଷ୍ଟରେ ଭାରତର ଦ୍ୱିତୀୟ ଇଂନିସ୍ ବ୍ୟାଟିଂ ଜାରି ରହିଛି । ଆଜି ଦ୍ୱିତୀୟ ଦିନର ତୃତୀୟ ପାଳି ଖେଳରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ

ଭାରତ ୫ ଓ୍ୱିକେଟ୍ ବିନିମୟରେ ୩୯୪ ରନ୍ ସଂଗ୍ରହ କରିଛି । ବିରାଟ କୋହଲି ୫୬ ରନ୍ ଏବଂ ଓ୍ୱାଶିଂଟନ୍ ସୁନ୍ଦର ୨୦ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଭାରତ ଗତକାଲିର ସ୍କୋର କୌଣସି ଓ୍ୱିକେଟ୍ ନ ହରାଇ ୧୭୨ ରନ୍‌ରୁ ଆଜି ତା'ର ବ୍ୟାଟିଂ ଆରମ୍ଭ କରିଥିଲା । ଯଶସ୍ୱୀ ଜୟସ୍ୱାଲ ଚିତ୍ତାକର୍ଷକ ୧୬୧ ରନ୍ ସଂଗ୍ରହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେ.ଏଲ୍ ରାହୁଲ ୭୭, ଦେବଦତ୍ତ ପାଡ଼ିକଲ ୨୫, ରିଷଭ ପନ୍ଥ ଏବଂ ଧ୍ରୁବ ଜୁରେଲ ୧ ରନ୍ ଲେଖାଏଁ ସଂଗ୍ରହ କରିଛନ୍ତି । ଏଥିସହ ଭାରତ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆଠାରୁ ୪୪୦ ରନ୍‌ରେ ଆଗୁଆ ରହିଛି । ସୂଚନାଯୋଗ୍ୟ ଭାରତ ପ୍ରଥମ ଇନିଂସରେ ୧୫୦ ରନ୍ ଏବଂ ଅଷ୍ଟ୍ରେଲିଆ ତା'ର ପ୍ରଥମ ଇନିଂସରେ ୧୦୪ ରନ୍ ସଂଗ୍ରହ କରିଥିଲା ।